# ସାହିତ୍ୟ ଅକାଦେମି ଏବଂ କୋରାପୁଟ ସାହିତ୍ୟ ପରବାର ମିଳିତ ଆନୁକୂଲ୍ୟରେ ଆୟୋଜିତ ଗ୍ରାମାଲୋକ କାର୍ଯ୍ୟକ୍ରମ



ବୋରିଗୁମ୍ମା (ନି.ପ୍ର.) ବୋରିଗୁମ୍ମା ବ୍ଲକ ଖୁଦିଗୁଡା ଗ୍ରାମରେ ଗ୍ରାମାଲୋକ (ଓଡ଼ିଆ କବିତା ଓ ଆଲୋଚନା କାର୍ଯ୍ୟକ୍ରମ) ଆୟୋଜିତ ହୋଇଯାଇଛି । କେନ୍ଦ୍ର ସାହିତ୍ୟ ଅକାଦେମି ଏବଂ କୋରାପୁଟ ସାହିତ୍ୟ ପରିବାର ମିଳିତ ଆନୁକୂଲ୍ୟରେ ଆୟୋଜିତ ଗ୍ରାମାଲୋକ କାର୍ଯ୍ୟକ୍ରମର ଆବାହିକା ଥିଲେ ସାହିତ୍ୟ ଅକାଦେମିର ଓଡ଼ିଆ ବିଭାଗ ଉପଦେଷ୍ଟା ପରିଷଦ ସଦସ୍ୟା ଶ୍ରୀମତୀ ପ୍ରୀତି ଧାରା ସାମଲ । କୋରାପୁଟ ସାହିତ୍ୟ ପରିବାରର ଉପସଭାପତି ଅଧ୍ୟାପକ ରବି ଶତପଥୀଙ୍କ ସହଯୋଗରେ ଆୟୋଜିତ ଏହି ସାହିତ୍ୟ ସମାରୋହରେ ନବରଙ୍ଗପୁର, ବୋରିଗୁମ୍ମା, ଜୟପୁର କୋରାପୁଟର ଅନେକ ସାହିତ୍ୟାନୁରାଗୀ କବି ଏବଂ କବୟିତ୍ରୀ ଯୋଗ ଦେଇ ନିଜ ନିଜର କବିତା ଆବୃତି କରିଥିଲେ । ସାହିତ୍ୟ ଓ ସମାଜ ପରିପୂରକ ବୋଲି ବକ୍ତାଗଣ ପ୍ରକାଶ କରିଥିଲେ ଏବଂ ଗ୍ରାମାଂଚଳରେ ଏଭଳି କାର୍ଯ୍ୟକ୍ରମ କରିବା ଦ୍ୱାରା ସମସ୍ତ ପ୍ରକାର କବି ଲେଖକ ମାନେ ଏକ ସୁନ୍ଦର ମଂଚ ପାଇ ପାରିବେ ବୋଲି ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବୋରିଗୁମ୍ମା ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ ପଟ୍ଟନାୟକ ଯୋଗ ଦେଇ ଏକ ବ୍ୟଙ୍ଗାତ୍ମକ କବିତା ପାଠ କରିଥିଲେ । ଭିନ୍ନ ଭିନ୍ନ ପର୍ଯ୍ୟାୟ କବିତା ପାଠ ସମୟରେ ସାହିତ୍ୟିକ ନଳିନୀ ରଞ୍ଜନ ମିଶ୍ର, ଉଦୟ ଶଙ୍କର ଜାନୀ, ରଜତ କୁମାର ଷଡ଼ଙ୍ଗୀ, ପ୍ରମୋଦ କୁମାର ରାଉଳ ଏବଂ ରବି ଶତପଥୀ ପ୍ରମୁଖ ସଭାପତି ରୂପେ ମଂଚାସୀନ ଥିଲେ । ଅଧକ୍ଷ ଦାଶରଥି ଗୌଡ଼ ଏବଂ ଅଧ୍ୟାପକ ସୁଧାଂଶୁ ଶେଖର ପଟ୍ଟନାୟକ ସହ ଅନ୍ୟାନ୍ୟ କର୍ମକର୍ତ୍ତା ଙ୍କ ସହଯୋଗରେ କାର୍ଯ୍ୟକ୍ରମ ହୋଇଥିଲା । ସମଗ୍ର କାର୍ଯ୍ୟକ୍ରମ ରେ ମଂଚ ପରିଚାଳନା ଏନ୍.ରାକେଶ କୁମାର କରିଥିବା ବେଳେ ଡିଗ୍ରୀ କଲେଜ ଅଧକ୍ଷ ସୌମେନ୍ଦ୍ର ସ୍ୱାଇଁ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ ଏବଂ ବିଶିଷ୍ଟ ଅନୁବାଦକ ବିଜୟ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ଗ୍ରାମାଲୋକ କାର୍ଯ୍ୟକ୍ରମ ରେ ସୁବାଷ ଚନ୍ଦ୍ର ହରିଜନ, ନାରାୟଣ ସଗର, ସରୋଜ ପ୍ରହରାଜ, ସତ୍ୟ ନାରାୟଣ ଆଚାରି, କୃଷ୍ଣ ଚନ୍ଦ୍ର ହୋତା, ବୈରାଗୀ ଚରଣ ସାହୁ, ଆଲୋକ ମହାରଣା, ସ୍ମୃତି ପଣ୍ଡା, ଅଭିନାଶ ସାନ୍ତାପାତ୍ର, ମାନସ କର, ନାରାୟଣ ପାଣିଗ୍ରାହୀ, ରାକେଶ ନାୟକ, ଅଶୋକ ଷଡଙ୍ଗୀ, ସଦାଶିବ ତ୍ରିପାଠୀ, ଆଶୁତୋଷ ବାରିକ, ମଧୁସୂଦନ ସ୍ୱାଇଁ, ଅଶୋକ ପଲେଇ, ମାନସୀ ମହାନ୍ତି, ଡୋଲି ନାୟକ, ବିଜୟ ଲକ୍ଷ୍ମୀ ପାଣିଗ୍ରାହୀ, ଜାହ୍ନବୀ ପଣ୍ଡା, ସଂଯୁକ୍ତା ପଣ୍ଡା ଓ ସାବିତ୍ରୀ ରାଣା ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ ।ଏହି ଅବସର ରେ ଓଡ଼ିଆ ସାହିତ୍ୟ ର ଗାଁ ମାଟିର ଗନ୍ଧ ମନେ ପକାଇବା ସହ ବାସ୍ତବ ସଂସ୍କୃତି କୁ ନିକଟରୁ ଅନୁଭବ କରାଯାଇଥିଲା ।